## ମଦ ସହ ସ୍କୁଟି ଜବତ

ଖୁଣ୍ଟା(ଦେବରଞ୍ଜନ ବେହେରା)/ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଣ୍ଡୁଆଲ): ଖୁଣ୍ଟା ଅବକାରୀ ବିଭାଗ ବେଆଇନ ମଦ କାରବାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିବା ସହ ବ୍ୟବହୃତ ସ୍କୁଟି ଜବତ କରିଛି। ବଡ଼ସାହି ଥାନା ଅନ୍ତର୍ଗତ ଖଡିକାପଦା ଗ୍ରାମର ରାମଚନ୍ଦ୍ର ସିଂ (୪୧) ଶୁକ୍ରବାର ସ୍କୁଟି ଯୋଗେ ଏକ ପ୍ଲାଷ୍ଟିକ ଜାରରେ ୧୪ ଲିଟର ମଦ ନେଇ ଘରକୁ ଫେରୁଥିବା ବେଳେ କୁଆମରା ନିକଟରେ ଅବକାରୀ ବିଭାଗ କର୍ମଚାରୀଙ୍କ ହାତରେ ଧରା ପଡ଼ିଥିଲେ। ଏ ନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରିଛି।



## ସଂକ୍ଷେପରେ

### ବଦଳିଲେ ୭ ଥାନା ଅଧିକାରୀ

ବାରିପଦା,୮।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାର ୭ଟି ଥାନାର ଇନ୍ସପେକ୍ଟର ଓ ସବ୍‌ଇନ୍ସପେକ୍ଟରଙ୍କ ବଦଳି କରାଯାଇଛି। ଏସ୍‌ପି ଏସ୍‌.ସୁଶ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବଦଳି ବିଜ୍ଞପ୍ତି ପ୍ରକାଶ ପାଇଛି। ବାରିପଦା ଟାଉନ ଥାନା ଇନ୍ସପେକ୍ଟର ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ଖାରପୋଖରିଆ ଥାନା, ଶୁଳିଆପଦା ଥାନାର ସୁମିତ ସୋରେନଙ୍କୁ ବାରିପଦା ଟାଉନ, ଜିଲା ମୁଖ୍ୟାଳୟ ଏଚ୍‌ଆର୍‌ପିସି ଇନ୍ସପେକ୍ଟର ଉମାଶଙ୍କର ନାୟକଙ୍କୁ ବଡ଼ସାହି, ବଡ଼ସାହି ଥାନାର ପ୍ରଭଞ୍ଜନ ବେହେରାଙ୍କୁ କପ୍ତିପଦା, କପ୍ତିପଦା ଥାନାର ଆଦିତ୍ୟ ପ୍ରସାଦ ଜେନାଙ୍କୁ ଶୁଳିଆପଦା, ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ପ୍ରିୟଦର୍ଶିନୀ ଖୁଣ୍ଟିଆଙ୍କୁ କୁଲିଅଣା ଥାନା,ଏସ୍‌ଆଇ ଶୋଭାକର ଜେନାଙ୍କୁ ଜିଲା ମୁଖ୍ୟାଳୟ ଏଚ୍‌ଆର୍‌ପିସି, ଜାମଦା ଥାନା ଏସ୍‌ଆଇ ମୀନତୀ ନାୟକଙ୍କୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଓ ଏସ୍‌ଆଇ ମଧୁସୂଦନ ଦତ୍ତଙ୍କୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରୁ ଜାମଦା ଥାନାକୁ ବଦଳି କରାଯାଇଛି। ସମସ୍ତ ଅଧିକାରୀମାନେ ତୁରନ୍ତ ନୂତନ ସ୍ଥାନରେ ଯୋଗଦେଇ ରିପୋର୍ଟ ପ୍ରଦାନ କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।

### ଦନ୍ତା ଆକ୍ରମଣରେ ଗୁରୁତର ମହିଳାଙ୍କ ମୃତ୍ୟୁ

ଢେଙ୍କୋଟ(ନୀଳମଣି ମଣ୍ଡଳ)/ପାଟଣା(ବୀର କିଶୋର ଦାଶ),୮।୧୨: କେନ୍ଦୁଝର ଜିଲା ଢେଙ୍କିକୋଟ୍‌ ପୋଲିସ ବିଟ୍‌ ହାଉସ୍‌ ତୋରାଣିପୋଖରୀ ପଞ୍ଚାୟତ ପୋଇପଶୀରେ ଗତ ସୋମବାର ଦନ୍ତା ଆକ୍ରମଣରେ ଗୁରୁତର ବୃଦ୍ଧା ତୁଳସୀ ମହାରଣା(୪୫)ଙ୍କ ମୃତ୍ୟୁ ଘଟିଛି। ତୁଳସୀ ଉକ୍ତ ଦିନ ଜଙ୍ଗଲ ରାସ୍ତା ଦେଇ ଡୁମୁରୁଆ ସାପ୍ତାହିକ ହାଟରୁ ଫେରୁଥିବା ବେଳେ ହାତୀ ତାଙ୍କୁ ଶୁଣ୍ଢରେ କଚାଡି ଦେଇଥିଲା। ବନ କର୍ମଚାରୀ ତାଙ୍କୁ ପ୍ରଥମେ କେନ୍ଦୁଝର ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ପରିବାର ଲୋକଙ୍କୁ ତତ୍କାଳ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ବାକି ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ରେଞ୍ଜର ବନ ବିହାରୀ ସର୍ଦ୍ଦାର ସୂଚନା ଦେଇଛନ୍ତି।

### ଶୂନ୍ୟ ମୃତ୍ୟୁ ପାଇଁ ଯାନବାହନ ଯାଞ୍ଚ
### ୧ ଲକ୍ଷ ଚାଲାଣ କାଟିଲା ପୋଲିସ

ରୂପସା, ୮।୧୨(ବାଞ୍ଛାନିଧି ଦେ):ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ସଚ୍ଚିଦାନନ୍ଦ ଗିରିଙ୍କ ନେତୃତ୍ୱରେ ଡିସେମ୍ବର ୧ରୁ ୭ତାରିଖ ପର୍ଯ୍ୟନ୍ତ ଏଏସ୍‌ଆଇ ପୁମା ଦେଇ, ଶେଖର ନାୟକ, ଉତ୍ତମ କୁମାର ସିଂ ଓ ଚନ୍ଦ୍ର ସୋରେନ ପ୍ରମୁଖ ୭ ଦିନ ବ୍ୟାପୀ ବାଇକ ଓ ଭ୍ୟାନ ଆଦି ଯାଞ୍ଚ କରି ସଚେତନ କରାଇଥିଲେ। ବିନା ହେଲମେଟ ପାଇଁ ୯୭ଜଣ ବାଇକ ଚାଳକ, ୪ ନିଶାଶକ୍ତ ବାଇକ ଚାଳକ, ବିନା ସିଟବେଲ୍ଟ ଯୋଗୁ ଜଣେ ଡ୍ରାଇଭର, ରଙ୍ଗରୋଡ଼ରେ ଯାଉଥିବା ଓ ମୋବାଇଲରେ କଥା ହୋଇଥିବା ବାଇକ ଚାଳକଙ୍କୁ ପୋଲିସ ସାବାଡ଼ କରିଥିବା ଦେଖିବାକୁ ମିଳିଛି। ସେମାନଙ୍କୁ ଜରିମାନା ବାବଦ ମୋଟ ୧ ଲକ୍ଷ ଟଙ୍କାର ଚାଲାଣ କଟାଯାଇଛି। ସେମାନଙ୍କୁ କୋର୍ଟ ଚାଲାଣ ହୋଇଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# କଟାହୋଇ ପଡ଼ିଥିବା ଧାନ କ୍ଷେତରେ ପାଣି

## ଦାଉ ସାଧିଲା ଅଦିନିଆ ବର୍ଷା, ଚିନ୍ତାରେ ଚାଷୀ

କେନ୍ଦୁଝର,୮।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲାରେ ଧାନ ଅମଳ ସମୟରେ ଅଦିନିଆ ବର୍ଷା ଚାଷୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ବିଲରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଥିବା ବେଳେ କଟା ହୋଇପଡ଼ିଥିବା ଧାନ ଭିଜି ଯାଇଛି। ଏଥିସହ ଧାନ ଖଳାରେ ଜମା ହୋଇଥିବା କଳେଇ ମଧ୍ୟ ଓଦା ହୋଇଯାଇଛି। ଅନେକ ସ୍ଥାନରେ ଧାନ ଗଜା ହେବାକୁ ବସିଥିବା ବେଳେ ବର୍ଷକର ପରିଶ୍ରମ ପାଣିରେ ବୁଡିଯିବା ଦେଖି ଚାଷୀ ଆଶଙ୍କାରେ ରହିଛନ୍ତି।

ପ୍ରକାଶ ଯେ, ଗତ ୩ ଦିନ ଧରି କେନ୍ଦୁଝର ଜିଲାରେ ୨୨ ମିମି ବର୍ଷା ହୋଇଛି। ବିଶେଷ କରି ସଦର, ବାଂଶପାଳ, ତେଲକୋଇ, ଯୋଡ଼ା, ଚମ୍ପୁଆ, ଝୁମ୍ପୁରା ବ୍ଲକ୍‌ ଅଞ୍ଚଳରେ ଅଧିକ ବର୍ଷା ହୋଇଥିବା ଜଣାପଡ଼ିଛି। ଅଦିନିଆ ବର୍ଷାରେ ଅନେକ ଅଞ୍ଚଳରେ ସାଧାରଣ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡ଼ିଛି। ଚାଷୀ ବହୁ କଷ୍ଟ କରି ଓ ଧାର କରଜ କରି ଚାଷ କରିଥିଲେ। ପୂର୍ବରୁ ହାତୀ ଉପଦ୍ରବ ଯୋଗୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିଲେ। ଏଭଳି ସମୟରେ ଅଦିନିଆ ବର୍ଷା ବାକି ଧାନକୁ ନଷ୍ଟ କରିଦେଲା ବୋଲି ପଦ୍ମପୁରର ଦୁର୍ଯ୍ୟୋଧନ ପାତ୍ର କହିଛନ୍ତି। ଠିକ୍‌ ଭାବେ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ନ ମିଳିଲେ ପରିବାର ଚଳାଇବା କଷ୍ଟକର ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବର୍ଷାରେ ଭିଜି ଯାଇଥିବା ଧାନକୁ ସରକାର କିପରି କିଣିବେ ଏବଂ ସେମାନେ ଉଚିତ୍‌ ମୂଲ୍ୟ ପାଇବେ କି ନାହିଁ, ସେ ନେଇ ଚାଷୀଙ୍କୁ ଚିନ୍ତା ଘାରିଛି। ଜିଲା ମୁଖ୍ୟ କୃଷି ଅଧିକାରୀ ମିହିର ସାହୁ କହିଛନ୍ତି, ଆକଳନ ପରେ କ୍ଷୟକ୍ଷତି ଅନୁଯାୟୀ ସହାୟତା ପ୍ରଦାନ କରାଯିବ।

## ଗଜା ହେଲାଣି ଧାନ

ପାଟଣା,୮।୧୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକ୍‌ ଅଞ୍ଚଳରେ ସାମୁଦ୍ରିକ ବାତ୍ୟା ପ୍ରଭାବରେ ବର୍ଷା ଯୋଗୁ ବିଲରେ କଟା ହୋଇପଡ଼ିଥିବା ଧାନରେ ଗଜା ହୋଇଥିବା ଦେଖିବାକୁ ମିଳିଛି। ସାହାରପଡ଼ା ତହସିଲ ଆହାରପଡ଼ା ମୌଜାର ଜଗଦୀଶ ମହାନ୍ତଙ୍କ ଦେଢ଼ ଏକର ପରିମିତ ବିଲରେ ଲକ୍ଷ୍ମୀ ପ୍ଲସ୍‌ ଧାନ ଚାଷ ହୋଇଥିଲା। ସେ ଗତ ମଙ୍ଗଳବାର ଧାନ କାଟିଥିଲେ। ବାତ୍ୟା ପ୍ରଭାବରେ ବର୍ଷା ଯୋଗୁ ଧାନ ଘରକୁ ଆଣି ପାରି ନ ଥିଲେ। ଫଳରେ କଟା ହୋଇଥିବା ଧାନରେ ଗଜା ହୋଇଥିବା ଦେଖିବାକୁ ମିଳିଛି। ଅନୁରୂପ ସାହାରପଡ଼ା ଓ ପାଟଣା ତହସିଲ ଅଞ୍ଚଳରେ ଅନେକ ଚାଷୀଙ୍କ ଅମଳ ହେବାକୁ ଥିବା ଧାନ ଗଜା ହୋଇଥିବା ଦେଖିବାକୁ ମିଳିଛି। ପ୍ରଭାବିତ ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଓ କୃଷକ ସଂଗଠନ ଦାବି କରିଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ
# ୧୨୭ ପ୍ରକଳ୍ପ ପ୍ରଦର୍ଶିତ



ବିଜ୍ଞାନମେଳାକୁ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଉଦ୍‌ଘାଟନ କରୁଛନ୍ତି।

ଜଳେଶ୍ୱର(ରବିନାରାୟଣ ପାତ୍ର)/ରାଇବଣିଆ(ନବୀନ ସାହୁ),୮।୧୨

ଜଳେଶ୍ୱର ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଗୋପୀମୋହନପୁର ପଞ୍ଚାୟତର ଛମୌଜ ମାଧବାନନ୍ଦ ଶିବ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକରେ ଥିବା ୧୨୯ ବିଦ୍ୟାଳୟରୁ ଆସିଥିବା ସିନିୟର ବିଭାଗରେ ୫୫, ଜୁନିୟର ବିଭାଗରେ ୮୧ ଓ ସବ୍‌ଜୁନିୟର ବିଭାଗରେ ୪୩ଜଣ କୁନି ବୈଜ୍ଞାନିକ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଉଦ୍‌ଘାଟନ କରିଥିଲେ। ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ କାଳିନ୍ଦୀଚରଣ ସରେନ୍‌ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌର ଅଧ୍ୟକ୍ଷ ପ୍ରତୀପ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି, ସାମାଜିକ କର୍ମୀ ତଥା ସ୍ତମ୍ଭକାର ସୁଦର୍ଶନ ଦାସ, ଓଷ୍ଟା ଜିଲା ସଭାପତି ମନୋରଞ୍ଜନ ଦାସ, ବ୍ଲକ ବିଜ୍ଞାନ ସଂଯୋଜକ କୁଞ୍ଜ ବିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଦେଶର ଭବିଷ୍ୟତ ହୋଇଥିବାରୁ ସେମାନେ ବିଜ୍ଞାନ ପ୍ରତି ଆଗ୍ରହ ପ୍ରକାଶ କରିବା ଉଚିତ୍‌ ବୋଲି କହିଥିଲେ। ଶିକ୍ଷକ ନେତା ସୁକୁମାର ମିଶ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ସରୋଜ ପାଣିଗ୍ରାହୀ ବେଦପାଠ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ, ଦୀନକୃଷ୍ଣ ମହାବିଦ୍ୟାଳୟ ଅଧ୍ୟାପକ କେଦାର ନାଥ ମହାନ୍ତି, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ, ଧରଣୀଧର ପାତ୍ର, ପ୍ରାଚୀତନୟା ଗିରି, ବିଆର୍‌ସିସି ସୁଶାନ୍ତ ଜେନା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ ଜେନା, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ସିଆର୍‌ସିସି ମିନା ପରିଡା ପ୍ରମୁଖ ଯୋଗଦେଇ ଜିଲାସ୍ତରକୁ ଯୋଗ୍ୟ ବିବେଚିତ ହୋଇଥିବା ୫ଜଣ କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ସୁକୁମାର ଦାସ, ଗଣେଶ ଆଚାର୍ଯ୍ୟ, ସମର କୁମାର ଜେନା, ଗୌରଗୋପାଳ ପାତ୍ର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ।

# ଆଦିବାସୀଙ୍କ ଜମିରେ ସରକାରୀ ଗୃହ ନିର୍ମାଣକୁ ବିରୋଧ

ବାରିପଦା,୮।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ନିର୍ମାଣାଧୀନ ଗୃହ।

ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ବଡ଼ଯୋଡ଼ ପଞ୍ଚାୟତରେ ଆଦିବାସୀଙ୍କ ଜମି ଉପରେ ସରକାରୀ ଗୃହ ନିର୍ମାଣକୁ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କାଗଜପତ୍ର ଯାଞ୍ଚ କରା ନ ଯାଇ ଗୃହ ନିର୍ମାଣ କରାଯାଉଥିବାରୁ ବ୍ଲକ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଞ୍ଚାୟତ ସମିତିସଭ୍ୟା ମିଲି ମହାନ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସୂଚନାଯୋଗ୍ୟ, ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବଡ଼ଯୋଡ଼ ଫିସେରି ସୋସାଇଟି ଗୃହ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଆଦିବାସୀ ସମ୍ପ୍ରଦାୟର ଧର୍ମୁ ଦେହୁରୀଙ୍କ ନାମରେ ଟିକଟଭୁକ୍ତ ଜାଗାରେ ଉକ୍ତ ଗୃହ ନିର୍ମାଣ ଚାଲିଥିବା ଅଭିଯୋଗ ହୋଇଛି। ଏହି ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ଜମି କ୍ଲିଅରାନ୍ସ ନିଆଯାଇନାହିଁ । ଫଳରେ ଗୃହ ନିର୍ମାଣ ଶେଷ ହେବା ପରେ ସମ୍ପୃକ୍ତ ଜମିର ମାଲିକ ଉକ୍ତ ଗୃହକୁ ନିଜର ବୋଲି ଦାବି କରିବାର ସମ୍ଭାବନା ରହିଛି । ଯାହାକି ପରବର୍ତ୍ତୀ ସମୟରେ ସରକାରଙ୍କ ନିୟମାନୁଯାୟୀ ଆଦିବାସୀଙ୍କ ନାମକୁ ଯିବା ସହିତ ସରକାର ଅଡୁଆରେ ପଡ଼ିବାର ଆଶଙ୍କା ରହିଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ସେହିପରି ଗୃହ ନିର୍ମାଣ ସ୍ଥାନରେ କୌଣସି ସୂଚନା ଫଳକ ନ ଥିବା ବେଳେ ଅଟକଳ ମୂଲ୍ୟ ଓ କାର୍ଯ୍ୟ ସମ୍ପର୍କରେ ଅଞ୍ଚଳବାସୀ ଅଜ୍ଞ ରହିଛନ୍ତି । ଏ ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ବେଆଇନ ଗୃହ ନିର୍ମାଣ ଓ ସରକାରୀ ଅର୍ଥର ସଦୁପଯୋଗରେ ଅନିୟମିତା କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମିତିସଭ୍ୟା ମହାନ୍ତ ଦାବି କରିଛନ୍ତି ।

# ସାଳନ୍ଦୀ ନଦୀ କୂଳରେ ସଫେଇ

ଭଦ୍ରକ,୮।୧୨(ସନାତନ ରାଉତ)

ଭଦ୍ରକ କଲେଜର ଛାତ୍ରୀଛାତ୍ରମାନେ ସ୍ଥାନୀୟ ଅଧିବାସୀଙ୍କ ସହଯୋଗରେ ବାଉଦପୁର ପାର୍କ ଏବଂ ସାଳନ୍ଦୀ ନଦୀ କୂଳରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଛାତ୍ରୀଛାତ୍ରଙ୍କ ଏପରି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ନୂଆ-ଓ ଯୋଜନାର ସାମାଜିକ କାର୍ଯ୍ୟ ଓ କାର୍ଯ୍ୟକଳାପର ଅନ୍ତିମ ଦିବସରେ କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ, ସାମାଜିକ କାର୍ଯ୍ୟ ଓ କାର୍ଯ୍ୟକଳାପର ସଂଯୋଜକ ଡ. ପଦ୍ମନାଭ ପତ୍ରୀ ଓ ସଂଯୋଜିକା ସ୍ୱପ୍ନା ସୋନାଲିକା ଜେନା, ନୋଡାଲ ଅଫିସର ଡ. ଲକ୍ଷ୍ମୀକାନ୍ତ ନାୟକ ଓ ଡ. ଅଜିତ୍‌ କୁମାର ଦାସ, ଅଧ୍ୟାପକ ଡ. ସନ୍ତୋଷ କୁମାର ସେଠୀ, ଡ. ଅଶୋକ କୁମାର ଦାସ, ଡ. ଶୁଭେନ୍ଦୁ କୁମାର ବରାଳ, ଡ. ସୁଦର୍ଶନ ଦାସ, ସୁରଜିତ ହାଇବ୍ରୁରୁ, ମନୋଜ କୁମାର ଶିଅଳ, ଦିଲ୍ଲୀପ କୁମାର ଗାହାଣ, ରୁଦ୍ରନାରାୟଣ ସ୍ୱାଇଁ, ପିତାମ୍ବର ପଣ୍ଡା, ଅଧ୍ୟାପିକା ଜୟନ୍ତୀ ନାୟକ, ଅଧ୍ୟାପକ ରଞ୍ଜନ କୁମାର ମିଶ୍ର, ଅଧ୍ୟାପିକା ଡ. ମନୋରମା ନାୟକ, ଡ. ସଞ୍ଜୟ କୁମାର ଶତପଥୀ, ଡ. କଲିକେଶ ବେଗମ୍‌ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା'ଙ୍କ ବାର୍ଷିକ ପୂଜା ମହୋତ୍ସବ

ଭଦ୍ରକ,୮।୧୨(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକ ଚୁନିଦାଠାରେ ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା'ଙ୍କ ତୃତୀୟ ବାର୍ଷିକ ପୂଜା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଦ୍ରକ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସରପଞ୍ଚ ନିରଞ୍ଜନ ମଲିକ, ଶିକ୍ଷକ ନେତା ପ୍ରଭାକର ପରିଡ଼ା, ପୂର୍ବତନ ସମିତି ସଭ୍ୟ ନିତ୍ୟାନନ୍ଦ ବେହେରା, ପ୍ରଧାନ ଶିକ୍ଷକ ଭୀମସେନ ପରିଡ଼ା, ଶେଖର ଜେନା, ଅଧ୍ୟାପକ ରାଜେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଧାର୍ମିକ ପୀଠ ହୋଇଥିବାରୁ ଏହାକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ମିଳିବା ଉଚିତ ବୋଲି କହିଥିଲେ। କମିଟିର ଉପଦେଷ୍ଟା ରବିନାରାୟଣ ଖିଲାର ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସନ୍ତୋଷ ଦାସ ଓ କମିଟି ଆବାହକ କୃଷ୍ଣଚନ୍ଦ୍ର ବେହେରା। ମନ୍ଦିର ପ୍ରତିଷ୍ଠାତା ପୀତାମ୍ବର ପରିଡ଼ା ଓ ବାସନ୍ତୀଲତା ପରିଡ଼ା ପରିଚାଳନାରେ ସହଯୋଗ କରିଥିଲେ। ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ସ୍ମିତାରାଣୀ ସାହୁ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କାହ୍ନୁ ସାହୁ ଓ ଉତ୍କଳ ନୃତ୍ୟ ତରଙ୍ଗ ଗ୍ରୁପ। ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ କଣ୍ଠଶିଳ୍ପୀ କୁମାର ଗୌତମ।

# ପୂଜକ ସଂଘର ଅନଶନ ଚେତାବନୀ

ଘଟଗାଁ,୮।୧୨(ରାଜେନ୍ଦ୍ର କୁମାର ପଟ୍ଟନାୟକ)

**ଘଟଗାଁ ମା' ତାରିଣୀ ମନ୍ଦିର**
**ଭୋଗ ମହାସୁଲ ଆଦାୟରେ ହେରଫେର ଘଟଣା**

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ମନ୍ଦିରରେ ଭୋଗ ମହାସୁଲ ଆଦାୟରେ ହେରଫେର ଘଟଣାରେ ସମ୍ପୃକ୍ତ ୨ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଘଟଣାରେ ସମ୍ପୃକ୍ତ କର୍ମଚାରୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ପୂଜକ ସଂଘ ପକ୍ଷରୁ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସେବାୟତମାନେ ସପରିବାର ମନ୍ଦିର ସମ୍ମୁଖରେ ଅନଶନରେ ବସିବା ପାଇଁ ଚେତାବନୀ ଦେଇଛନ୍ତି। ଏହାର ନକଲ ଜିଲାପାଳ, ଆରକ୍ଷୀ ଅଧିକ୍ଷକ, ସ୍ଥାନୀୟ ବିଧାୟକ, ସମ୍ବଲପୁରସ୍ଥିତ ସହକାରୀ ଅତିରିକ୍ତ ଦେବୋତ୍ତର କମିଶନର, ହେଡ୍‌କମିଶନର ଭୁବନେଶ୍ୱର, ଆଇନମନ୍ତ୍ରୀ, ଆଇନ ସଚିବ, ୫-ଟି ଅଧିକ୍ଷଙ୍କ ଉଦ୍ଦେଶ୍ୟରେ ପଠାଇଛନ୍ତି।

ଅଭିଯୋଗ ମୁତାବକ, ଗତ ଅକ୍ଟୋବର ଶେଷ ସପ୍ତାହରେ ପୂଜକ ତଥା ସେବାୟତମାନେ ଭୋଗ ମହାସୁଲ ଆଦାୟ ଟିକେଟ ପିଛିଲା ତାରିଖ ପକାଇ ଭକ୍ତଙ୍କୁ ଦିଆଯାଉଥିବା ଦେଖିଥିଲେ। ଏ ନେଇ କାଉଣ୍ଟର ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଜଣାଇଥିଲେ। ପୁନର୍ବାର ଘଟଣା ଘଟିବାରୁ ସେବାୟତମାନେ ପ୍ରମାଣ ଶହ ମନ୍ଦିର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ମନ୍ଦିର ନିର୍ବାହୀ ଅଧିକାରୀ ଘଟଣାସ୍ଥଳକୁ ଯାଇ ଟିକେଟ୍‌ କାଉଣ୍ଟର ବ୍ୟବହୃତ କମ୍ପ୍ୟୁଟର ଯାଞ୍ଚ କରିଥିଲେ। ଅଭିଯୋଗରେ ସତ୍ୟତା ଥିବାରୁ ୨ କର୍ମଚାରୀ ମହେଶ୍ୱର ଦେହୁରୀ ଓ ସୁରେଶ ଚନ୍ଦ୍ର ବାରିକଙ୍କୁ କାର୍ଯ୍ୟାରୁ ଅପସାରଣ କରାଯାଇଥିଲା। ତଦନ୍ତ ଆଳରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅନ୍ୟପକ୍ଷେ ଅଫିସ ଆକାଉଣ୍ଟାଣ୍ଟ ହରେକୃଷ୍ଣ ପଲେଇ ନିଜ କାମ ପରିବର୍ତ୍ତେ ସକାଳ ୮.୩୦ ରୁ ୧୦ ଟା ଯାଏ ଟିକେଟ୍‌ କାଉଣ୍ଟରରେ ବସି ଟିକେଟ କାଟୁଥିଲେ। ଅନ୍ୟ ଏକ ମେଶିନରେ ଟିକେଟ କାଟୁଥିଲେ, ଏହା ସିସିଟିଭିରେ କଏଦ ହୋଇଛି। ମାତ୍ର ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇନାହିଁ। ସଂଘର ସଭାପତି ଶ୍ୟାମସୁନ୍ଦର ଦେହୁରୀ, ସମ୍ପାଦକ ରାଜ କିଶୋର ଦେହୁରୀ, ଉପସଭାପତି ନଟବର ଦେହୁରୀ, ଯୁଗ୍ମସାମ୍ପାଦକ ରମେଶ ଚନ୍ଦ୍ର ଦେହୁରୀ, ମୁଖପାତ୍ର ପ୍ରଦୀପ ଦେହୁରୀ, କୋଷାଧ୍ୟକ୍ଷ ବାବୁଲା ଦେହୁରୀଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ପୂଜକ ସମୂହ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ତୁଳନାତ୍ମକ ମାସିକ ମହାସୁଲ ହିସାବ କରି ତାଙ୍କ ପାଉଣା ଦେବା ଶହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ରାସ୍ତା ପ୍ରଶସ୍ତୀକରଣ ଲାଗି ସର୍ଭେ

ବାହାନଗା, ୮।୧୨(ଅରୂପ୍‌ କୁମାର ଦାସ

ସୋର ବିଧାୟକ ପର୍ଶୁରାମ ଧଡା ଓ ଯନ୍ତ୍ରୀଙ୍କ ଦ୍ୱାରା ଆରଡି ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ୧୯ କି.ମି. ରାସ୍ତାର ସର୍ଭେ କରାଯାଇଛି। ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ପାଣ୍ଠିର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆରଡି (ଗ୍ରାମ୍ୟ ଉନ୍ନୟନ ବିଭାଗ) ରାସ୍ତାକୁ ପ୍ରଶସ୍ତୀକରଣ ନିମନ୍ତେ ନିର୍ଦ୍ଦେଶ ଆସିବା ପରେ ବୁଧବାର ବିଧାୟକ ଧଡା, ଆରଡି ଜେଇ ଅଣାକାର ଜେନାଙ୍କ ସମେତ ବିଭିନ୍ନ ଗ୍ରାମର ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତିଙ୍କ ଦ୍ୱାରା ସର୍ଭେ କରାଯାଇଥିଲା । ଏହି ରାସ୍ତା ଗୋପାଳପୁର ପଞ୍ଚାୟତର ଜାଗେଶ୍ୱରପଦା ଛକଠାରୁ ଗିଲିଦା ରାସ୍ତାଦେଇ ବରିପଦା, ଆରୁହାବାଡ ପଞ୍ଚାୟତର ରୂପଖଣ୍ଡ (କୁଚିଲା ଛକ) ପର୍ଯ୍ୟନ୍ତ ୧୨ କି.ମି. ରାସ୍ତା ଉନ୍ନତୀକରଣ କରାଯିବା ସହିତ ରାସ୍ତାକୁ ପ୍ରଶସ୍ତୀକରଣ କରାଯିବା ନିମନ୍ତେ ଡେଷ୍ଟାଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯାଇ ସର୍ଭେ କରାଯାଇଥିଲା। ସେହିପରି ଅଭଣା ହାଟପଦା ଛକଠାରୁ ବିଷ୍ଣୁପୁର ଛକଦେଇ ଭାୟା ଦେବେନ୍ଦ୍ରପୁର ଦେଇ ଝାଡତା ଛକ ପର୍ଯ୍ୟନ୍ତ ୭ କି.ମି. ରାସ୍ତାର ଡିପିଆର ପ୍ରସ୍ତୁତ କରାଯାଇ ସର୍ଭେ କରାଯାଇଥିଲା। ଏଥିରେ ମୋଟ୍‌ ୧୯ କି.ମି. ରାସ୍ତା ପ୍ରଶସ୍ତୀକରଣ କରାଯିବା ସହିତ ଡ୍ରେନେଜ ଆଦି କରାଯିବାର ବ୍ୟବସ୍ଥା କରାଯାଇଛି। ତୁରନ୍ତ ରାସ୍ତାର ଡେଷ୍ଟାଲ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରି ରିପୋର୍ଟ ଦାଖଲ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ରେଫରାଲ ନମ୍ବର ୨୨୧୩୩/୨୩ ରେ ଚିଠି ନମ୍ବର ୩୭୧୫୪/୨୩ ତା୨୪।୧୧।୨୩ରିଖରେ ନିର୍ଦ୍ଦେଶ ଦେଇଛନ୍ତି । ସେହି ନିର୍ଦ୍ଦେଶ ଆସିବା ପରେ ସୋର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଯନ୍ତ୍ରୀଙ୍କ ଦ୍ୱାରା ବିଧାୟକଙ୍କ ସହିତ ତୁରନ୍ତ ରାସ୍ତାର ଡିପିଆର ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ନିକଟକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ବାହାନଗା ବ୍ଲକର ଏହି ଦୁଇଟି ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ନିମନ୍ତେ ଅନୁମୋଦନ ଲାଗି ବିଧାୟକ ଧଡା ସ୍ପେଶାଲ ରିଲିଫ୍‌ କମିଶନରଙ୍କଠାରେ ଚିଠି ପଠାଇଥିଲେ । ସେହି ଅନୁଯାୟୀ ବିଭାଗ ପକ୍ଷରୁ ବିଚାର କରି ଆରଡି ବିଭାଗକୁ ସର୍ଭେ ପାଇଁ ନିର୍ଦ୍ଦେଶ ଆସିଛି।

# ୪୦୦ରୁ ଉର୍ଦ୍ଧ୍ୱ ଫଳଚାରା ରୋପଣ

ବାଲେଶ୍ୱର, ୮।୧୨ (ମାନସ ବିଶ୍ୱାଳ)



ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଚାରାରୋପଣ।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାରାରୋପଣ, ଏହାର ସୁରକ୍ଷା ଓ ଏକ ସୁସ୍ଥ ପ୍ରାକୃତିକ ପରିବେଶ ସହ ଆମ ଭବିଷ୍ୟତ ସମାଜକୁ ଗଢ଼ିବାର ଲକ୍ଷ୍ୟ ସର୍ବଦା ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହିଥାଏ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଏହି ଅନନ୍ୟ ଉତ୍ସାହ ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ମନରେ ଚାରାରୋପଣ ପ୍ରତି ଏକ ନୂତନ ଆବେଗ ସୃଷ୍ଟିର ଆଧାର ହୋଇସାରିଛି। ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଇମାମୀ ପେପର ମିଲ୍‌ ଲିମିଟେଡ ପକ୍ଷରୁ ମିଳିତ ଭାବେ ବିଶ୍ୱବିଦ୍ୟାଳୟ ପରିସରରେ ୪୦୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତ୍ରିପାଠୀଙ୍କ ସହ ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ପ୍ରଫେସର ସୁର୍ଯ୍ୟେନ୍ଦୁ କୁମାର ଦେ ଏବଂ ଇମାମୀ ପେପର ମିଲ୍‌ର ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ଏଜିଏମ୍‌ ଏମ୍‌କେ ପାର୍ଥୀ, ପରିବେଶ ସଂରକ୍ଷଣ ବିଭାଗର ଏଜିଏମ ଏନ୍‌. ନାଗରାଜୁ, ସିନିୟର ପ୍ରେସିଡେଣ୍ଟ ଆଶିଷ ଏ. ଗୁପ୍ତା ପ୍ରମୁଖଙ୍କ ଉପସ୍ଥିତି ଓ ନିତ୍ୟାନନ୍ଦ ମହାନ୍ତିଙ୍କ ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତି ବିଭାଗର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ନିଜ ହାତରେ ସାମୂହିକ ଚାରାରୋପଣ କରିବା ଏକ ସ୍ୱତନ୍ତ୍ର ମୁହୂର୍ତ୍ତ ସୃଷ୍ଟି କରିଥିଲା। ଏଥିରେ ଆମ୍ବ, ଲେମ୍ବୁ, ପିଜୁଳି, ଡାଳିମ୍ବ, ଜାମୁ ଆଦି ଫଳ ଚାରାରୋପଣ କରାଯାଇଥିଲା।

# ନୂତନତ୍ୱର ନିର୍ମାଣ ପାଇଁ ଯୁବ ବିକାଶ ଆବଶ୍ୟକ

**ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ**

ତିହିଡ଼ି,୮।୧୨(ସଞ୍ଜିତ ବଳ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍‌ ପାଳିଆବିନ୍ଧା ପଞ୍ଚାୟତସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ (ବିଏନ୍‌ଏମ୍‌ଏ) କଲେଜରେ ଶୁକ୍ରବାର ଯୁବବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରି ନୂତନତ୍ୱର ନିର୍ମାଣ ପାଇଁ ଯୁବକମାନଙ୍କ ବିକାଶ ଆବଶ୍ୟକତା ରହିଛି ବୋଲି କହିଥିଲେ। କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ ପରିଡ଼ାଙ୍କ ପୌରୋହିତ୍ୟରେ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସଞ୍ଚାଳନ କରିଥିଲେ। ମୁଖ୍ୟ ବକ୍ତାଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅନ୍ୟତମ ଅତିଥି ପୂର୍ବତନ ସରପଞ୍ଚ ବସନ୍ତ ନାୟକ, ଜିଲା ପରିଷଦ ସଭ୍ୟା ରୁଜାତା ପଣ୍ଡା, ସରପଞ୍ଚ ଯଶୋଦା ମଲ୍ଲିକ, ସମିତିସଭ୍ୟ ଜୀବନଜ୍ୟୋତି ପଲାଇ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅସାଧାରଣ ପ୍ରତିଭା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପରିପ୍ରକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ଅଧିକାରୀ ତପନ ନାୟକ, ମୃତ୍ୟୁଞ୍ଜୟ ନାରାୟଣ ଦାସ, ସରୋଜ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବାଗ, ଦେବାଶିଷ ଦାସ ପ୍ରମୁଖ ଅଧ୍ୟାପକମାନେ ମଞ୍ଚାସୀନ ରହି ବକ୍ତବ୍ୟ ଦେଇଥିଲେ। ଛାତ୍ରୀ ଜ୍ୟୋତିପ୍ରଭା ଜେନା ବକ୍ତବ୍ୟ ଦେଇଥିଲେ। ଛାତ୍ରୀଛାତ୍ରମାନେ ନୃତ୍ୟ, ଗୀତ ପରିବେଷଣ କରିଥିଲେ। ଅଧ୍ୟାପିକା ଡ. ସୁଜାତାରାଣୀ ଗିରି ଶ୍ଳୋକ ପାଠ କରିଥିଲେ। ପଦ୍ମାଳୟା ଖଟୁଆ, ଅନିତା ତ୍ରିପାଠୀ, ସୁସ୍ମିତା ପଣ୍ଡା, ହୀରକଲତା ଦାସ, ଗାୟତ୍ରୀ ବେହେରା, ଡ. ରାଜେନ୍ଦ୍ର ଭୁଏ, ପ୍ରଦୀପ ମିଶ୍ର, ମଞ୍ଜୁର ଅହମ୍ମଦ ଖାଁ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକମାନେ ପରିଚାଳନାରେ ସହଯୋଗ କରିଥିଲେ।

